**ଗଛରେ ଝୁଲନ୍ତା ମୃତଦେହ**

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଜିଲା ବନ୍ତଲା ଥାନା ବନ୍ତଲା ଗ୍ରାମ ନିକଟ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଛି। ମୃତକଙ୍କ ଘର ପଶ୍ଚିମବଙ୍ଗରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଙ୍ଗୀତା ମହାପାତ୍ର ସୂଚନା ଦେଇଛନ୍ତି।

# ପ୍ରଥମ ଦିନରେ ୨୩୧ ପରୀକ୍ଷାର୍ଥୀ ଅନୁପସ୍ଥିତ

ଅନୁଗୋଳ,୨୦।୨ (ଅମିତ କୁମାର ସାମଲ)



ଅନୁଗୋଳ ଜିଲାର ୯୨ଟି କେନ୍ଦ୍ରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ମାତୃଭାଷା ସାହିତ୍ୟ ପରୀକ୍ଷା ହୋଇଥିବା ବେଳେ ମୋଟ ୧୬ ହଜାର ୭୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ ହଜାର ୫୦୮ ଜଣ ପରୀକ୍ଷା ଦେଇଛନ୍ତି। ୨୩୧ ଜଣ ଅନୁପସ୍ଥିତ ଥିବା ଦେଖାଯାଇଛି। ସେହିପରି ଓଡ଼ିଶା ମୁକ୍ତ ବିଦ୍ୟାଳୟର ୨୯୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨୯ ଜଣ ପରୀକ୍ଷା ଦେଇଛନ୍ତି। ୬୮ ଜଣ ଅନୁପସ୍ଥିତ ରହିଛନ୍ତି। ଏଥିସହ ମଧ୍ୟମାରେ ୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ଜିଲାର ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରର ଅଧୀନରେ ୧୦ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ୧୮୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୨୩ଜଣ ପରୀକ୍ଷା ଦେଇଛନ୍ତି। ୨୦ ଛାତ୍ରୀଛାତ୍ର କୌଣସି କାରଣରୁ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିବା ନୋଡାଲ ଅଧିକାରୀ ସୁଧାଂଶୁ ବିଶ୍ୱାଳ ପ୍ରକାଶ କରିଛନ୍ତି। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ର ଯିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନଗର ସମ୍ପାଦକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କେତେଜଣ ସଭ୍ୟ ପରୀକ୍ଷାର୍ଥୀଙ୍କ ଶୁଭ ମନାସୀ ଚନ୍ଦନ, ଫୁଲ ଲଗାଇଥିଲେ। ପରୀକ୍ଷା କେନ୍ଦ୍ରର ପରିଚାଳକ ଭାବେ ଶିକ୍ଷକ ବିନୟ କୁମାର ବଘାର, ନୋଡାଲ କେନ୍ଦ୍ର ପରିଚାଳନାରେ ଶିକ୍ଷକ ସୁଧାଂଶୁ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି କିଶୋରନଗର ବ୍ଲକର ବଇଣ୍ଡା ହାଇସ୍କୁଲରେ ୨୩୫ ଛାତ୍ରୀଛାତ୍ର, କିଶୋରନଗର ହାଇସ୍କୁଲରେ ୧୭୪, ବାମୁର ହାଇସ୍କୁଲରେ ୧୫୫, ନାକିଚି ହାଇସ୍କୁଲରେ ୨୪୪, ହଣ୍ଡପା ହାଇସ୍କୁଲରେ ୨୧୦, ଇଛାପୁର ହାଇସ୍କୁଲରେ ୯୭, ଫୁଲମ୍ବା ହାଇସ୍କୁଲରେ ୧୬୩, ରଣିଆକଟା ହାଇସ୍କୁଲରେ ୧୩୧, ଅଙ୍ଗପଡା ହାଇସ୍କୁଲରେ ୧୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତ ବିଦ୍ୟାଳୟରେ ଶୃଙ୍ଖଳାର ସହ ପରୀକ୍ଷା ହୋଇଥିଲା। ପରୀକ୍ଷା କେନ୍ଦ୍ର ଗୁଡିକରେ ପୋଲିସ ମୁତୟନ କରାଯାଇଥିଲା। ବ୍ଲକ ନୋଡାଲ ଅଫିସର ଭାବେ ସୁପ୍ରଭା ସାହୁ ନିଯୁକ୍ତି ହୋଇଥିବାବେଳେ କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ ପରୀକ୍ଷା କେନ୍ଦ୍ରଗୁଡିକ ଯାଞ୍ଚ କରିଥିଲେ। ସେହିପରି କଣିହାଁ ବ୍ଲକର ୧୨ କେନ୍ଦ୍ରରେ ୧୬୯୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ତହସିଲଦାର ଅନୁପ ପରମ ଗୁରୁ, ଜିଲା ଶିକ୍ଷା ପ୍ରଶିକ୍ଷଣ କଲେଜ ଅଧ୍ୟାପକ ରାମକୃଷ୍ଣ ପରିଜା ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥ ହାଇସ୍କୁଲ ବଡଗୁଣ୍ଡୁରି, ସରକାରୀ ହାଇସ୍କୁଲ ଡେରେଙ୍ଗ, କଣ୍ଟାପାଳ, ସମଲ, ଜନତା ହାଇସ୍କୁଲ ବଜ୍ରକୋଟ, ବରପଦା, କୁଲୁମା, ବିଜିଗୋଳ, ପବିତ୍ରନଗର, ଶରଧାପୁର, କୁଲାବିର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବରପଦା ପଞ୍ଚାୟତ ହାଇସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ କଣିହାଁ ପବିତ୍ର ମୋହନ ହାଇସ୍କୁଲରେ ରେଗୁଲାର, ଏକ୍ସ ରେଗୁଲାର ସହିତ କଳ୍ପତରୁ ଭୈରବୀ ପୀଠ ବିଦ୍ୟାଳୟର ୧୭ ଛାତ୍ରୀଛାତ୍ର ସଂସ୍କୃତ ମଧ୍ୟମା ପରୀକ୍ଷା ଦେଇଥିଲେ। ନୋଡାଲ ସେଣ୍ଟର ଭାରପ୍ରାପ୍ତ ଅଧିକାରୀ ଭୀମସେନ ସାମଲ ଏବଂ ସୁପରିଣ୍ଟେଣ୍ଡେଣ୍ଟ କଣିହାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାସରଥୀ ଜେନା ପ୍ରଥମ ଦିବସ ପରୀକ୍ଷା ଶାନ୍ତି ଶୃଙ୍ଖଳା ସହିତ ସମାପ୍ତ ହୋଇଥିବା ସୂଚନା ଦେଇଛନ୍ତି ।

## ରାଜସ୍ୱ ଅଧିକାରୀ ଧାରଣାରେ, କାର୍ଯ୍ୟ ବାଧାପ୍ରାପ୍ତ

ବଇଣ୍ଡା,୨୦।୨(ପରିକ୍ଷିତ ସାହୁ)

କିଶୋରନଗର ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାରଠାରୁ ରାଜସ୍ୱ ଅଧିକାରୀମାନେ ସମୂହ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଛନ୍ତି। ମଙ୍ଗଳବାର ମଧ୍ୟ ଏହି ଆନ୍ଦୋଳନ କରାଯାଇଥିବା ଯୋଗୁ କିଶୋରନଗର ତହସିଲ ଅଧୀନରେ ଥିବା ରାଜସ୍ୱ କାର୍ଯ୍ୟାଳୟରେ ସେବା ବାଧାପ୍ରାପ୍ତ ହୋଇଛି। ସେବା ପଦୋନ୍ନତିରେ ରାଜସ୍ୱ ଅଧିକାରୀଙ୍କ ପାଇଁ ୨୫ ପ୍ରତିଶତ ସଂରକ୍ଷଣ, ଓଡିଆରଏସ ରୁଲ ପରିବର୍ତ୍ତନ, ଅତିରିକ୍ତ ରାଜସ୍ୱ ଅଧିକାରୀଙ୍କୁ ବାଦ ଦେବା ଆଦି ଦାବିକୁ ନେଇ ଧାରଣା ଦିଆଯାଇଛି। ଏହି ଆନ୍ଦୋଳନ ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ କାମ ପାଇଁ ଦୂର ଦୂରାନ୍ତରୁ ଆସୁଥିବା ସାଧାରଣ ଲୋକେ ରାଜସ୍ୱ ଅଧିକାରୀଙ୍କୁ ନ ପାଇଁ ନିରାଶ ହୋଇ ଫେରୁଛନ୍ତି। ଏ ନେଇ ଏକ ଦାବିପତ୍ର କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ରାଜସ୍ୱ ନୀରିକ୍ଷକ ସଦାନନ୍ଦ ବେହେରା, ପ୍ରଭାତ ରଞ୍ଜନ ବେହେରା, ବାମଦେବ ସାହୁ, ରଞ୍ଜିତା ସାହୁ, ଗଣେଶ୍ୱର ନାୟକ, ଦୁଷ୍ମନ୍ତ କୁମାର ବେହେରା, ସିକୁନ ସେଠୀ ସାମିଲ ହୋଇଛନ୍ତି।

# ୩୦୦ ଜଣଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟା ବଣ୍ଟନ କରାଯାଉଛି।

ଅନୁଗୋଳ,୨୦।୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଥିବା ମୋଟ ୩୨୦୦ ସିକିମ ସତ୍ୱାଧାରୀଙ୍କ ମଧ୍ୟରୁ ୩ଶହ ଜଣଙ୍କୁ ସ୍ଥିତିବାନ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅନୁଗୋଳ, ବଣଁରପାଳ ଓ ଛେଣ୍ଡିପଦାର ୩୦୦ ଜଣ ଏହି ସ୍ଥିତିବାନ ପଟ୍ଟା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆଭାସି ମାଧ୍ୟମରେ ଏହି ପଟ୍ଟା ପ୍ରଦାନ କରିଥିଲେ। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଏହି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରାପଡ଼ା ଜିଲା ଗସ୍ତ ସମୟରେ ଜଣେ ଚାଷୀଙ୍କ ଠାରୁ ଅଭିଯୋଗ ପାଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ରାଜସ୍ୱ ବିଭାଗକୁ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଅତିରିକ୍ତ ଶାସନ ସଚିବ ସତ୍ୟଭୂଷଣ ସାହୁ ଉପସ୍ଥିତ ଥିଲେ। ସେହିପରି ଅନୁଗୋଳସ୍ଥିତ କାର୍ଯ୍ୟକ୍ରମ ସ୍ଥଳରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲାପାଳ ମହମ୍ମଦ ଅବଦଲ ଅଖତାର, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଅନୁଗୋଳ, ବଣଁରପାଳ ଓ ଛେଣ୍ଡିପଦା ତହସିଲଦାର, ରାଜସ୍ୱ ବିଭାଗର କର୍ମଚାରୀ, ହିତାଧିକାରୀ, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧକୋଇଲିକୁ ପକ୍କା ରାସ୍ତା ନିର୍ମାଣ ଦାବି

ଅନୁଗୋଳ,୨୦।୨(ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକର ଜଙ୍ଗଲ ଅଧ୍ୟୁଷିତ ମାଣିକଯୋଡ଼ି ପଞ୍ଚାୟତରୁ ସିଂକୋଇଲି ଏବଂ କନ୍ଧକୋଇଲି ଦେଇ ଲେମ୍ବୁଡଇଲା ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ପାଇଁ ଦୀର୍ଘ ୭/୮ ବର୍ଷ ହେଲା ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଦାବିପତ୍ର ଦେଉଛନ୍ତି। ହେଲେ ଜିଲା ପ୍ରଶାସନ ତାହାର ସମାଧାନ କରିପାରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର କନ୍ଧକୋଇଲି ଗ୍ରାମ କମିଟି ପକ୍ଷରୁ ଜିଲା ପ୍ରଶାସନକୁ ଆଉ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ପକ୍କା ରାସ୍ତା ନିର୍ମାଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ଗ୍ରାମ କମିଟି ସମ୍ପାଦକ ବିଜୟ ଦେହୁରୀ, ସଭାପତି ସୁରେଶ ଶଣ୍ଢ, କୁମୁଦ ପଧାନ, ନରେଶ ପଧାନ, ସୁଶାନ୍ତ ଭୋଇ ପ୍ରମୁଖ ଦାବିପତ୍ରରେ ଦର୍ଶାଇଛନ୍ତି, ପୁରୁଣାକୋଟ ଥାନା ଅଧୀନରେ ଥିବା ସିଂକୋଇଲି ଓ କନ୍ଧକୋଇଲି ଗ୍ରାମ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ପାହାଡ଼ ପର୍ବତ ଘେରା ଏହି ଦୁଇ ରାଜସ୍ୱ ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ। ହାତୀ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ସର୍ବଦା ଏଠାରେ ଲାଗି ରହିଛି। ବାହାଦୁର ସିଂକୋଇଲିରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଇଥିବାରୁ ଗ୍ରାମର କୁନି କୁନି ପିଲାମାନେ ପାହାଡ଼ିଆ ରାସ୍ତାରେ ଥିବା ଝରଣା ଡେଇଁ ୩ କିଲୋମିଟର ଦୂରକୁ ପଢ଼ିବାକୁ ଯାଉଛନ୍ତି। ଏଣୁ ଗମନାଗମନର ସୁବିଧା ପାଇଁ ଏହି ଦୁଇ ଗ୍ରାମକୁ ପକ୍କା ରାସ୍ତାଟିଏ ନିର୍ମାଣ କରିବାକୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରି କି ଅତୀତରେ ଜିଲା ପ୍ରଶାସନ ସହ ବୈଠକ ମଧ୍ୟ କରାଯାଇଛି। ହେଲେ ଗାଁକୁ ଥିବା ନିମ୍ନମାନର ରାସ୍ତାକୁ ସାମାନ୍ୟ ମରାମତି ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଦୋଳପୂର୍ଣ୍ଣିମା ଉତ୍ସବ ପ୍ରସ୍ତୁତି ବୈଠକ

ତାଳଚେର,୨୦।୨ (ମନୋଜ ନନ୍ଦ)

ଆସନ୍ତା ମାର୍ଚ୍ଚ ୨୫ ଦୋଳଯାତ୍ରା ଉତ୍ସବକୁ ନେଇ ତାଳଚେର ଦେଉଳବେଡ଼ାସ୍ଥିତ ତେଲିସାହି ଓ ହାଣ୍ଡିଧୂଆଁ ଗ୍ରାମ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପାଳନ ପାଇଁ ଏକ ଦୋଳଯାତ୍ରା କମିଟି ଗଠନ କରାଯାଇଥିଲା। ଏଥିରେ



ସଭାପତି ଭାବେ ବିଦ୍ୟାଧର ପ୍ରଧାନ, ଉପସଭାପତି ନବକିଶୋର ସାହୁ, ସମ୍ପାଦକ ନରେଶ ସାହୁ, ସହ ସମ୍ପାଦକ ବିଜୟ ପୃଷ୍ଟି, କୋଷାଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ସହ କୋଷାଧ୍ୟକ୍ଷ ମାନସ ସାହୁ, କାର୍ଯ୍ୟନିର୍ବାହକ ଭାବେ ତୁଷାର କୁମାର ସାହୁ, ବିମ୍ନେଶ୍ୱର ସାହୁ, ବାବୁଲାଲ ପୃଷ୍ଟି, ଯୀଶୁଖ୍ରୀଷ୍ଟ ପୃଷ୍ଟି, ପ୍ରଦୀପ ସାହୁ ଓ ଶଙ୍କର୍ଷଣ ବେହେରା, ଅଜୟ ପ୍ରଧାନ, ବଂଶୀଧର ସାହୁ, ରାଜକିଶୋର ପ୍ରଧାନ, ଅମର ସାହୁ, ଆଲୋକ ସାହୁ ଓ ପ୍ରକାଶ ସାହୁଙ୍କୁ ମନୋନୀତ କରାଯାଇଥିଲା। ପ୍ରକାଶ ଯେ, ତାଳଚେର ପୌରାଞ୍ଚଳର ୧୮ ଓ ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଡ଼ା ତେଲିସାହି ଏବଂ ହାଣ୍ଡିଧୂଆଁ ଗ୍ରାମ ପକ୍ଷରୁ ଏକାଠି ଦୋଳ ପୂର୍ଣ୍ଣିମା ପାଳନ କରାଯାଇଆସୁଛି। ଏହି ଉତ୍ସବର ୫ ଦିନ ପୂର୍ବରୁ ରାଧାକୃଷ୍ଣଙ୍କୁ ଗ୍ରାମ ପରିକ୍ରମା କରାଯିବା ସହ ରାବଣ ପୋଡି ଉତ୍ସବ ପାଳନ କରାଯାଏ। ଏହା ପରଦିନ ବିରାଟ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କୁ ହାଣ୍ଡିଧୂଆଁ ଛକ, ଗାନ୍ଧୀ ଛକ ଓ ଦେଉଳବେଡ଼ା ତେଲିସାହି ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡିଆକୁ ଅଣାଯାଇଥାଏ। ସେଠାରେ ସହସ୍ରାଧିକ ଲୋକ ଏକାଠି ହୋଇ ମେଳଣ ଉତ୍ସବ ସହ ପଡ଼ିଥିବା ମେଳା, ଯାତ୍ରାରେ ସାମିଲ ହୋଇଥାନ୍ତି।

# ଭାଜପାର ଗାଁକୁ ଚାଲ ଅଭିଯାନ



ଅନୁଗୋଳ,୨୦।୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବାଲୁଅକଟା ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମରେ ମଙ୍ଗଳବାର ଭାଜପାର ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କେତେଜଣ ପାଉ ନ ଥିବା ନେଇ ଅଭିଯୋଗ କରିଥିଲେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ସେହିପରି ଜିଲା ଓ ବ୍ଲକ ପ୍ରଶାସନ ସରକାରୀ ଯୋଜନାର ସୁଫଳ ପ୍ରଦାନରେ ପାତର ଅନ୍ତର କରୁଥିବା ଦଳ ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଅସିତ ଦେହୁରୀ, ପିଣ୍ଟୁ ବେହେରା, ନରେଶ ଚନ୍ଦ୍ର ବେହେରା, ଶୁକଦେବ ଦେହୁରୀ, କଲ୍ୟାଣି ଦଳବେହେରା, ପ୍ରିୟବ୍ରତ ସାହୁ, ଗ୍ରାମ ସଭାପତି ଗୌତମ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଶିଶୁମାନଙ୍କୁ ଭଲ ମଣିଷ କରିବାକୁ ତତ୍ପର ହୁଅ'

ବଇଣ୍ଡା,୨୦।୨(ପରିକ୍ଷିତ ସାହୁ)

ଆଜିର ଶିଶୁ କାଲି ଦେଶର ଭବିଷ୍ୟତ। ସେମାନେ କିଭଳି ଭଲ ମଣିଷ ହେବେ ସେ ନେଇ ଶିକ୍ଷକମାନେ ସବୁବେଳେ ତତ୍ପର ହେବା ଆବଶ୍ୟକ। ପ୍ରାଥମିକସ୍ତରରୁ ଭଲ ଶିକ୍ଷା ଦେଲେ ଶିଶୁମାନେ ସଂସ୍କାର ପାଇଥାନ୍ତି। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁ-ସମ୍ପର୍କ ରହିବା ଆବଶ୍ୟକ ବୋଲି ସୋମବାର ଠାକୁରଗଡ଼ ଥାନା ପାଇକସାହି ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ସଭାପତି ମାଗୁଣି ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଇକସାହି ବରୋଦା ବ୍ୟାଙ୍କ ଶାଖା ପରିଚାଳକ ସତ୍ୟବାନ ମେହେର, ମୁଖ୍ୟବକ୍ତା ଭାବେ ଠାକୁରଗଡ଼ ଯୁକ୍ତ ୨ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ନୀରଜକାନ୍ତ ପ୍ରଧାନ, ଅନ୍ୟତମ ଅତିଥି ଭାବେ ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାଜେସ ଜେନା, ପାଇକସାହି ସରପଞ୍ଚ ନୀରଜକାନ୍ତ ସାହୁ, ସାପଘରା ସରପଞ୍ଚ କୈଳାସ ଚନ୍ଦ୍ର ସାହୁ, ବିଦ୍ୟାଳୟ ସମ୍ପାଦକ ଚିତ୍ରସେନ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମୁକୁଳ ମଞ୍ଜରୀ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ଭାଗବତ ପାରାୟଣ ଜ୍ଞାନଯଜ୍ଞ ଉଦ୍‌ଯାପିତ

ଆଠମଲ୍ଲିକ,୨୦।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ପାରାୟଣ ଓ ସତ୍‌ସଙ୍ଗ ପରିଷଦ ଦ୍ୱାରା ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ବିଶେଶ୍ୱର ଦାସ, ପଣ୍ଡିତ ଚିତ୍ତରଞ୍ଜନ ପାଣିଗ୍ରାହୀ, ପଣ୍ଡିତ ରାଧାମୋହନ ତ୍ରିପାଠୀ ପୂଜା କାର୍ଯ୍ୟ କରିଥିବାବେଳେ ପ୍ରବଚକ ଭାବେ ପଣ୍ଡିତ ଅଭୟ ନୃସିଂହ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ବାବା ବ୍ରଜବନ୍ଧୁ ଦାସ, ଡାକ୍ତର ପ୍ରଫୁଲ୍ଲ ମିଶ୍ର ଯୋଗ ଦେଇଥିଲେ। ସନ୍ତୋଷ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ସମ୍ପନ୍ନ କରିଥିଲେ। ସତ୍‌ସଙ୍ଗ ପରିଷଦ ସଭାପତି ବିପିନ ବିହାରୀ ମହାପାତ୍ର, ସମ୍ପାଦକ ମନୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ମୁଖ୍ୟ ସଂଯୋଜକ ତ୍ରିଜିବ କୁମାର ମିଶ୍ର, ବରିଷ୍ଠ ସଭ୍ୟ ସୁବୋଧ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବିଚ୍ଛନ୍ଦଚରଣ



କଣିହାଁ,୨୦।୨(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ମାଟିର ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦଚରଣ ପ୍ରଧାନଙ୍କ ୧୦୭ ତମ ଜୟନ୍ତୀ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି କମିଟି ଆନୁକୂଲ୍ୟରେ କଣିହାଁ ଗାନ୍ଧୀ ମଣ୍ଡପଠାରେ ପାଳିତ ହୋଇଯାଇଛି। ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥିବୃନ୍ଦ ବିଚ୍ଛନ୍ଦ ଚରଣଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ ପତ୍ରିକା 'ପ୍ରଣାମ ସଂଗ୍ରାମୀ' ଉନ୍ମୋଚନ କରିଥିଲେ। ସଂଗ୍ରାମୀ ବିଚ୍ଛନ୍ଦଚରଣଙ୍କ ଜୀବନୀ ଓ ଆଦର୍ଶ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ତାଳଚେରର ବିଶିଷ୍ଟ କବି ରତ୍ନପ୍ରଭା ବାଇ, ଅନ୍ୟତମ ଅତିଥି ଧନେଶର ସାହୁ, ମୁଖ୍ୟ ଅତିଥି ଭାବେ କଣିହାଁ କୋଇଲା କ୍ଷେତ୍ରର କାର୍ଯ୍ୟକାରୀ ମହାପ୍ରବନ୍ଧକ ନରେଶ ସିଂ ରାଣା ଯୋଗଦେଇଥିଲେ। ସଂଗ୍ରାମୀ ପ୍ରଧାନ ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ। ଗାଳ୍ପିକ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ସଂଗ୍ରାମୀ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଭିନ୍ନ ପ୍ରଧାନ, ଦେବେନ୍ଦ୍ର ବାରିକ, ନନ୍ଦକିଶୋର ପ୍ରଧାନ, ରଞ୍ଜନ ସାହୁ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଦାଶରଥି ଜେନା, ଶିକ୍ଷକ ଭୀମସେନ ସାମଲ, ଶିକ୍ଷକ ପ୍ରଶାନ୍ତ ବେହେରା, ଶିକ୍ଷକ ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନାକିଚି ଏମ୍‌ସିସି କପ୍ ଉଦ୍‌ଘାଟିତ

ବଇଣ୍ଡା,୨୦।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚିରେ ବଡଡଙ୍ଗିଆଣୀ ଖେଳ ପଡିଆଠାରେ ମଙ୍ଗଳବାର ଏମ୍‌ସିସି କପ୍ ଉଦ୍‌ଘାଟିତ ହୋଇଯାଇଛି। ଭାଜପା ନେତା ଡ. ଅଲେଖ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଗଙ୍ଗାଧର ବେହେରା, ସ୍ୱପ୍ନେଶର ପ୍ରଧାନ, ରଞ୍ଜିତ ସାହୁ, ଯୁଧିଷ୍ଠିର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଠାକୁରଗଡ ସହିତ ବଇଣ୍ଡା ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଠାକୁରଗଡ ବ୍ୟାଟିଂ କରି ୭୨ ରନ କରିଥିଲା। ଜବାବରେ ବଇଣ୍ଡା ୭୪ ରନ କରି ବିଜୟୀ ହୋଇଥିଲା। ସେହିପରି ବଏଜା ସହ ଆମ୍ବପାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଏଜା ବ୍ୟାଟିଂ କରି ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ଆମ୍ବପାଳ ୧୨୭ ରନ କରି ପରାଜିତ ହୋଇଥିଲା। କାଳିଆ ମାଝି, ଦୀପକ ପ୍ରଧାନ, ଗରକି ଦେଓ ପରିଚାଳନା କରିଥିଲେ।



## ଲୁଟ୍ ଘଟଣାରେ ୪ ଗିରଫ

ଅନୁଗୋଳ,୨୦।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଲା ଭେରୁବଣିଆ ଅଞ୍ଚଳରେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଘରୋଇ ଫାଇନାନ୍ସ କମ୍ପାନୀର ମ୍ୟାନେଜର ଧର୍ମାନନ୍ଦ ମହାପାତ୍ରଙ୍କ ଅଭିଯୋଗକୁ ନେଇ ନଂ. ୬୭/୨୪ରେ ମାମଲା ରୁଜୁ କରିଥିବା ପୋଲିସ ଅନୁଗୋଳ ମାଟିଆସାହିର ସରୋଜ ପ୍ରଧାନ(୨୯), ହାଟଛକର ଧନୁ ବାହାଦୁର (୨୧), ବସଲା ଆଦିଆଘାଇର ମାନସ ଗୋଚ୍ଛାୟତ(୨୪) ଓ ହିନ୍ଦୋଳ ଥାନା କଂସାରର ଲିପୁନ ନାଏକ(୨୧)ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୧ ହଜାର ଟଙ୍କା, ମାରଣାସ୍ତ୍ର ଓ ୨ଟି ମୋଟର ସାଇକେଲ ଜବତ କରି କରିଥିବା ଥାନା ଅଧିକାରୀ ସଙ୍ଗୀତା ମହାପାତ୍ର ସୂଚନା ଦେଇଛନ୍ତି। ଗତ ୧୨ ତାରିଖରେ ପ୍ରଦ୍ୟୁମ୍ନଙ୍କ ନିକଟରୁ ଅଭିଯୁକ୍ତମାନେ ୯୯ ହଜାର ୧୦୦ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ।

# ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ଦାବି

ଅନୁଗୋଳ,୨୦।୨(ଅମିତ କୁମାର ସାମଲ)

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ପାଇଁ ମଙ୍ଗଳବାର ଜିଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧିମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ତାଙ୍କ ଦାୟିତ୍ୱରେ ଥିବା ଡାକ୍ତର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି, ନିଦାନ ବିଭାଗରେ ଜରୁରୀ ଉପକରଣ ଓ ରାସାୟନିକ ଦ୍ରବ୍ୟ ଯୋଗାଇଦେବା, ବର୍ଣ୍ଣ ୟୁନିଟ୍‌ରେ ଲଗାଯାଇଥିବା ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା, ଟ୍ରମାକେୟାର ସେଣ୍ଟର କାର୍ଯ୍ୟକ୍ଷମ ପାଇଁ ବାସ୍ତବ ପଦକ୍ଷେପ ନେବା, ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନିତ କରିବା ଆଦି ୧୦ ଦଫା ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ତ ଦାବି ଯୁକ୍ତିଯୁକ୍ତ ଏବଂ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ଡାକ୍ତର ବିଶ୍ୱରଞ୍ଜନ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ତ୍ରେତାନନ୍ଦ ସାମନ୍ତ, ବ୍ରଜବନ୍ଧୁ ସାହୁ, ପଠାଣି ବାରିହା, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ଅଶୋକ କୁମାର ପ୍ରଧାନ, ନିରୋଦ ପାଳ, ନବକିଶୋର ପ୍ରଧାନ, ତ୍ରିଲୋଚନା ଜେନା, ନିରୂପମା ପ୍ରଧାନ, ପ୍ରଦୀପ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସରକାର ଓ ଜିଲା ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବାକୁ ଆଉ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।



**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ବ୍ଲକ ବନ୍ତଲା ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ୨ ବର୍ଷ ହେଲା ସରକାରୀ ଯୋଜନାରେ ଆସୁଥିବା ଅନୁଦାନ ରାଶିରେ ଗ୍ରାମରେ ଦ୍ୱଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରୁନାହିଁ। କେତେଜଣ ଖଳ ପ୍ରକୃତିର ଲୋକ ଏହା କରାଇ ଦେଉନାହାନ୍ତି। ଅଭିଯୋଗ କଲେ ମଧ ସୁଫଳ ନ ମିଳିବାର ଶତାଧିକ ମହିଳା ଜିଲାପାଳଙ୍କୁ ଅଭିଯୋଗ କରିଥିବା ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ଅମ୍ବିକା ସ୍ୱାଇଁ, ସୁଲୋଚନା ସାହୁ ପ୍ରମୁଖ କହିଛନ୍ତି।

# ରାତି ୩ଟା ୫୫ରେ ଉଠିବ ମହାଦୀପ

- ୮ରେ କପିଳାସ ପୀଠରେ ଜାଗର ଯାତ୍ରା
- ପଲିଥିନ ବ୍ୟବହାର ନିଷିଦ୍ଧ
- ମୁତୟନ ହେବେ ପୋଲିସ ଫୋର୍ସ

ଢେଙ୍କାନାଳ,୨୦।୨(ରତନ ନାୟାର)



ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ମନ୍ଦିରରେ ମାର୍ଚ୍ଚ ୮ ତାରିଖରେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାଜ ପୁରୋଧାଙ୍କ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୩ଟା ୫୫ ମିନିଟ୍‌ରେ ବେଢ଼ା ପୂଜା, ବେଢ଼ା ପରିକ୍ରମା ଓ ମହାଦୀପ ଉଠାଣ ହେବ। ରାତି ୩ଟାରୁ ୩ଟା ୫୦ମିନିଟ୍ ମଧ୍ୟରେ ମହାପ୍ରଭୁଙ୍କ ମହାସ୍ନାନ ଏବଂ ସ୍ୱର୍ଣ୍ଣ ଅଳଙ୍କାରରେ ନାଗଭରଣ ବେଶ ଓ ପଞ୍ଚବକ୍ତ୍ର ପୂଜା ରାଜ ପୁରୋଧାଙ୍କ ଦ୍ୱାରା ସମାପନ ହେବ। ଚଳିତବର୍ଷ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ସମ୍ଭାବନା ଥିବାରୁ ପୀଠରେ ଜାଗର ଯାତ୍ରା ସୁପରିଚାଳନା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। ଯାତ୍ରା ଯେପରି ଶାନ୍ତିଶୃଙ୍ଖଳାରେ ସମାପନ ହେବ ସେଥିପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାଗର ଯାତ୍ରାକୁ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ପାଇଁ ମନ୍ଦିର ପ୍ରାଙ୍ଗଣ ଭିତରେ ଓ ବାହାରେ ଆଲୋକସଜ୍ଜା, ଯାତାୟାତ ବ୍ୟବସ୍ଥା, ଗାଡ଼ିପାର୍କିଂ ନିମନ୍ତେ ଭଡାଧାର୍ଯ୍ୟ, ମାଦକଦ୍ରବ୍ୟ ବିକ୍ରି ଯାଞ୍ଚ, ସାପଉଦ୍ଧାର କାର୍ଯ୍ୟ, ଜଳଯୋଗାଣ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ଆଶୁ ଚିକିତ୍ସା, ଆମ୍ବୁଲାନ୍ସ ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ ଜାଗର ଯାତ୍ରା ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଯୋଗଦେଇ ଏସ୍‌ପି ମଡକର ସନ୍ଦୀପ ସମ୍ପଦ୍ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୀଠରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ବିଶ୍ୱାଳ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଧନ୍ୟବାଦ ଦେଇଥିଲେ।

# ଟ୍ରେଡିଂ ନାଁରେ ୩୮ ଲକ୍ଷର ଠକେଇ

ଅନୁଗୋଳ,୨୦।୨(ଅମିତ ସାମଲ)

ଅନୁଗୋଳ ଗୀତାଗ୍ରାମରେ ରହୁଥିବା ଗଞ୍ଜାମ ଅଞ୍ଚଳର ଶିବପ୍ରସାଦ ମିଶ୍ର ସାଇବର ଠକେଇର ଶିକାର ହୋଇଥିବା ମଙ୍ଗଳବାର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ କହିଛି, ଶିବପ୍ରସାଦ ନଭେମ୍ବର ମାସରେ ଟ୍ରେଡିଂ ଆରମ୍ଭ କରିଥିଲେ। ସୋସିଆଲ ମିଡିଆରେ ତାଙ୍କୁ ଟ୍ରେଡିଂ ପାଇଁ ସାଇବର ଠକ ପ୍ରବର୍ତ୍ତାଇ ଥିଲେ। ଠକ କଥାରେ ଭାସିଯାଇ ସେ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଲଗାଇଥିଲେ। ହେଲେ ଟଙ୍କା ଉଠାଇବା ପାଇଁ ସେ ଯୋଜନା କରିବା ସମୟରେ ଟ୍ରେଡିଂ ନୁହେଁ, ବରଂ ଠକ ହାବୁଡ଼ରେ ପଡ଼ିଥିବା ଜାଣିବାକୁ ପାଇଥିଲେ। ସେ ୩୮ ଲକ୍ଷ ୨୦ ହଜାର ୫୦୦ ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି।

# ପଦାରେ ପଡୁଛି ଲୋକ ଦେଖାଣିଆ ତଦନ୍ତ

ଢେଙ୍କାନାଳ,୨୦।୨(ରତନ ନାୟାର)

- ବ୍ରାଉନସୁଗାର ରାକେଟ୍ ସମ୍ପର୍କରେ ପୋଲିସ ପାଖରେ ଖବର ନାହିଁ
- କାର୍ ଦୁର୍ଘଟଣାରେ ଜବତ ଟଙ୍କା ସମ୍ପର୍କରେ ସୂଚନା ଦିଆଗଲାନି

ଢେଙ୍କାନାଳରେ ବିଭିନ୍ନ ଆପରାଧିକ ମାମଲାରେ ପୋଲିସର ତଦନ୍ତ କେବଳ ଲୋକ ଦେଖାଣିଆ ବୋଲି ଏବେ ସହରରେ ଚର୍ଚ୍ଚା ହେଉଛି। ଫଳରେ ପୋଲିସର ଭାବମୂର୍ତ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ସାଧାରଣରେ ଏ ନେଇ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି।

ପ୍ରକାଶ ଯେ, ଢେଙ୍କାନାଳ ଲକ୍ଷ୍ମୀବଜାର ଅଞ୍ଚଳରୁ ସୋମବାର ୫୫ ଗ୍ରାମ ବ୍ରାଉନସୁଗାର ପୋଲିସ ଜବତ କରିବା ଘଟଣାରେ ଜଣେ ମହିଳା ଗିରଫ ହୋଇଥିଲେ। ପୂର୍ବରୁ ମଧ ବ୍ରାଉନସୁଗାର କାରବାର ମାମଲାରେ ସମ୍ପୃକ୍ତା ମହିଳା ଓ ତାଙ୍କ ପୁଅଙ୍କୁ ପୋଲିସ ଗିରଫ କରିଥିଲା। ହେଲେ ଏହି ବେଆଇନ ନିଶା ବ୍ୟବସାୟ ପାଇଁ ମହିଳା ଜଣକ କେଉଁଠୁ ବ୍ରାଉନସୁଗାର ଆଣୁଛନ୍ତି ସେ ସମ୍ପର୍କରେ ପୋଲିସ ପାଖରେ ଖବର ନାହିଁ। ମଙ୍ଗଳବାର ଅପରାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଏପରି ସୂଚନା ଦେବା ପରେ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନଚିହ୍ନ ଲାଗିଛି। ସେହିପରି ଗତ ୯ ତାରିଖରେ ଢେଙ୍କାନାଳ-କପିଳାସ ରାସ୍ତାର କାଇମାଟିଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଉକ୍ତ କାର୍ ମଧ୍ୟରୁ ବିପୁଳ ଟଙ୍କା ଜବତ କରିଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ୨ ଯୁବକ ସୁସ୍ଥ ହେବାପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲେ। ହେଲେ ଜବତ ଟଙ୍କା ଗଣାଯିବା ପରେ ସୂଚନା ଦିଆଯିବ ବୋଲି କହିଥିଲେ ହେଁ ପୋଲିସ ଏ ନେଇ କୌଣସି ସୂଚନା ଦେଉନାହିଁ। ଉକ୍ତ ଗାଡ଼ିରେ ଥିବା ୨ ଯୁବକ କିଏ ଓ ସେମାନେ ଏତେ ଟଙ୍କା ନେଇ କୁଆଡୁ ଆସୁଥିଲେ। କେଉଁଠାକୁ ଯିବାର ଥିଲା। ଏତେ ଟଙ୍କା କେଉଁଠୁ ଅଣାଯାଇଥିଲା ସେ ସମ୍ପର୍କରେ ପ୍ରାୟ ଦୁଇ ସପ୍ତାହ ହେବ ପୋଲିସ ଅନ୍ଧାରରେ ରଖିଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ବ୍ରାଉନସୁଗାର ଘଟଣାରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ଅଧିକ ତଦନ୍ତ କରିବୁ। କାର ଦୁର୍ଘଟଣା ଘଟଣାରେ କେତେଟଙ୍କା ଜବତ ହୋଇଛି ବୋଲି ପଚାରିବାରେ ସେ ସେହି ସମୟରେ ଅସୁସ୍ଥ ଥିବା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କଲେ ଏମ୍‌ପି



ତାଳଚେର,୨୦।୨(ମନୋଜ ନନ୍ଦ)

ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିକାଶ ସମ୍ପର୍କରେ ମଙ୍ଗଳବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ଆଲୋଚନା କରିଛନ୍ତି। ସଂସଦୀୟ କ୍ଷେତ୍ରରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ ଓ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କଙ୍କଡ଼ାହାଡ଼ ବ୍ଲକର ଏକୁଲ ସେକୁଲ ଓ ସେତୁ ସଂଯୋଗୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଲ୍ୟଗିରି କଲେଜ, ଢେଙ୍କାନାଳର ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ଓଡ଼ପଡ଼ା, ଢେଙ୍କାନାଳ, ଗନ୍ଦିଆ ଅଞ୍ଚଳର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହିସବୁ ପ୍ରକଳ୍ପ ବିଷୟରେ ଅବଗତ ଅଛନ୍ତି ବୋଲି ଆଲୋଚନାବେଳେ ମୁଖ୍ୟଶାସନ ସଚିବ ପ୍ରକାଶ କରିଥିଲେ।

# ଭାଗୀରଥି ସାଗର ପଙ୍କ କାଦୁଅ ସ୍ଥାନାନ୍ତର ହେବ



ଭାଗୀରଥି ସାଗରର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା ଚାଲିଛି।

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ସହରର ପ୍ରାଚୀନ ଐତିହ୍ୟ ସମ୍ପନ୍ନ ପୋଖରୀ ଭାଗୀରଥି ସାଗରର ପୁନରୁଦ୍ଧାର ପାଇଁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାନୀୟ ଅଧିବାସୀ, ଭାଗୀରଥି ସାଗର ସୁରକ୍ଷା କମିଟି ସଦସ୍ୟ, ସ୍ଥାନୀୟ କାଉନସିଲର ଓ ପୌରଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସଭାପତିତ୍ୱ କରିଥିଲେ।

ଆଲୋଚନାରୁ ଜଣାପଡିଛି, ଭାଗୀରଥି ସାଗର ମଧ୍ୟରେ ଥିବା ସମସ୍ତ ପଙ୍କ, କାଦୁଆ, ଅଳିଆ ଆବର୍ଜନା ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ପୋଖରୀର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଆମ ପୋଖରୀ ଯୋଜନାରେ ଅଟକଳ ରାଶି ୧କୋଟି ୮୭ଲକ୍ଷ ୨୫ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ଏହାକୁ ଖର୍ଚ୍ଚ କରାଯିବ। ପୌରାଧ୍ୟକ୍ଷ କହିଲେ, ଜବର ଦଖଲରେ ଥିବା ପ୍ରାୟ ୬ ଏକର ଜମିକୁ ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣ ଓ ପାର୍କିଂ ପାଇଁ ବ୍ୟବହାର କରାଯାଉ ବୋଲି ସେ କହିଥିଲେ। ସେହିପରି ପ୍ରଥମେ ପଙ୍କ ଉଦ୍ଧାର ସରିବା ପରେ ପରବର୍ତ୍ତୀ ସମୟରେ କମିଟିର ସଦସ୍ୟ ଓ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା ମାଧ୍ୟମରେ ଏହାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ପୌରାଧ୍ୟକ୍ଷା ସୂଚନା ଦେଇଥିଲେ। ବୈଠକରେ ପୌରଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଭାଗୀରଥି ସାଗର ସୁରକ୍ଷା ସମିତି ସଭାପତି ପଙ୍କଜ ନାୟକ, ସମ୍ପାଦକ ଅଶୋକ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ସଚେତନ ନାଗରିକ ଫୋରମ ସମ୍ପାଦକ ଭରତ ଦାସ ଓ ଫୋରମର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୫୫ ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଲକ୍ଷ୍ମୀବଜାର ଅଞ୍ଚଳରେ ସୋମବାର ରାତିରେ ଟାଉନ ଥାନା ପୋଲିସ ଚଢାଉ କରି ୫୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ଶାନ୍ତିଲତା ସ୍ୱାଇଁ(୫୫)ଙ୍କୁ ଗିରଫ କରିଥିବା ମଙ୍ଗଳବାର ଅପରାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, କୌଣସି ସୂତ୍ରରୁ ଖବରପାଇ ପୋଲିସ ଶାନ୍ତିଲତାଙ୍କ ଘର ଉପରେ ଚଢାଉ କରି ୫୫ ଗ୍ରାମ ୩୦୦ ମିଲିଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ସାଢେ ୫ଲକ୍ଷ ଟଙ୍କା ହେବ। ଜଣେ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢାଉ ହୋଇଥିଲା। ଏ ନେଇ ନଂ. ୧୩୪/୨୪ରେ ମାମଲା ରୁଜୁ ହୋଇଛି। ଟାଉନ ଥାନା ଏସ୍‌ଆଇ ସୌଭାଗ୍ୟ କୁମାର ପାଣି ପୋଲିସ ସହ ଚଢାଉ କରିଥିଲେ। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ଓ ଏସ୍‌ଆଇ ସୌଭାଗ୍ୟ କୁମାର ପାଣି ଉପସ୍ଥିତ ଥିଲେ।



ଜବତ ବ୍ରାଉନ ସୁଗାର ସମ୍ପର୍କରେ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ।

# ସରକାରଙ୍କ ଉପରେ ବର୍ଷିଲେ ନୂତନ ସଭାପତି



କଂଗ୍ରେସର ନୂତନ ସଭାପତି ସୁନୀଲ ଦାଶଙ୍କୁ ସ୍ୱାଗତ କରାଯାଉଛି।

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସର ନବନିଯୁକ୍ତ ସଭାପତି ସୁନୀଲ ଦାଶ ମଙ୍ଗଳବାର ସହରସ୍ଥିତ ଗାନ୍ଧୀ ମନ୍ଦିରଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ସଲାସୁତରା କରି ସରକାରୀ ସମ୍ପତ୍ତିକୁ ଶିଳ୍ପପତିଙ୍କୁ ବିକ୍ରି କରି ବେକାରି ସମସ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି। କଂଗ୍ରେସର ଯୋଜନାକୁ ନକଲ କରି ନିଜ ସରକାରଙ୍କ ନାମରେ ଏହାକୁ କରି ବାହାବା ନେଇ ଭୋଟରଙ୍କୁ ଭ୍ରମିତ କରୁଛନ୍ତି। ଓଡ଼ିଶାରେ ସବୁ ବୃହତ ଶିଳ୍ପ, କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଶିକ୍ଷାନୁଷ୍ଠାନ କଂଗ୍ରେସ ଶାସନ କାଳରେ ପ୍ରତିଷ୍ଠା ହୋଇଛି। ଆଗାମୀ ଦିନରେ କଂଗ୍ରେସ ସଙ୍ଗଠନକୁ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମଜଭୁତ କରିବା ପାଇଁ ଲୋକ ସମ୍ପର୍କ ସ୍ଥାପନ ସହ ଜିଲାବାସୀଙ୍କ କଂଗ୍ରେସ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଫେରାଇ ଆଣିବା ନିମନ୍ତେ ସମସ୍ତ ପ୍ରୟାସ କରିବା ପାଇଁ ସେ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଢେଙ୍କାନାଳ ରାଜ ପରିବାରର ସଦସ୍ୟ ରାଜୀବ ଲୋଚନ ସିଂହଦେଓ ଓ ସୁସ୍ମିତା ସିଂହଦେଓ, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ଯୁବ କଂଗ୍ରେସ ସଭାପତି ଶୁଭମ ଦାଶ, ଛାତ୍ର କଂଗ୍ରେସ ସଭାପତି ହିତେଶ କୁମାର ହୋତା, କୃଷକ କଂଗ୍ରେସ ନେତା ବିପ୍ରବର ସାହୁ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ରବିନାରାୟଣ ମହାନ୍ତି, ଆଇନଜୀବୀ ବେଣୁଧର ସାହୁ, ରୁଦ୍ର ପ୍ରକାଶ ଶରଣ, ବିଜୟ ସ୍ୱାଇଁ, ଅମ୍ଲାନ ଖଟୁଆ, ଭାଗୀରଥି ଜେନା, ପ୍ରଭୁଦତ ଭଟ୍ଟ, ଡମ୍ବରୁ ସେଠୀ, ରଣଜିତ କୁମାର ସାହୁ, ରୁବିନା ବେଗମ, ଏମ୍‌ଡି ଆର୍ଶାଦଙ୍କ ସମେତ ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ଆସିଥିବା କର୍ମକର୍ତ୍ତା ଯୋଗଦେଇ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ଦେବୋତ୍ତର ଜାଗାରୁ ଜବରଦଖଲ ଉଚ୍ଛେଦ

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଗାୟିତ୍ରୀ ନଗର ଓ ଦକ୍ଷିଣକାଳୀ ଅଞ୍ଚଳ ମଧ୍ୟରେ ଥିବା ଦେବୋତ୍ତର ଜମିରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦେବୋତ୍ତର ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଘର ଓ ପାଚେରି ଆଦିକୁ ଜେସିବି ଲଗାଇ ଭଙ୍ଗାଯାଇଛି। ପ୍ରାୟ ୪ ଏକର ୧୦ ଡେସିମିଲ ଜାଗା ଜବର ଦଖଲରେ ରହିଥିବା ବେଳେ ପ୍ରାୟ ୩ ଏକର ଜାଗା ଉଚ୍ଛେଦ ହୋଇଥିବା ଜଣାପଡିଛି। ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ସପନ କୁମାର ନନ୍ଦଙ୍କ ଉପସ୍ଥିତିରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ରାଜସ୍ୱ ବିଭାଗ କର୍ମଚାରୀ ଓ ଦେବୋତ୍ତର ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ ହୋଇଥିଲା।



ଦେବୋତ୍ତର ଜମିରୁ ଜବର ଦଖଲ ଉଚ୍ଛେଦ କରାଯାଉଛି।

**ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯|୦୨|୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪|୦୩|୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ୨୩ରେ କେନ୍ଦ୍ରମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୨୦।୨(ରତନ ନାୟାର)

କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୩ ତାରିଖରେ ଦିନିକିଆ ଢେଙ୍କାନାଳ ଗସ୍ତରେ ଆସୁଛନ୍ତି। ପୂର୍ବାହ୍ନ ୧୦ଟାରେ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ରୋଟାରି କ୍ଲବ ସମ୍ମୁଖରେ ଭାରତ ସରକାରଙ୍କ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟାରେ ସହରସ୍ଥିତ ପୌରସଂସ୍ଥା ଅଡିଟୋରିୟମ ହଲ୍‌ରେ ଗଡ଼ଜାତ ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ନାମରେ ଏକ ଡାକ ଟିକେଟ୍ ଉନ୍ମୋଚନ କରିବା ପରେ ମାଘମେଳା ପରିଦର୍ଶନ କରିବା ପାଇଁ ମହିମାଗାଦି ଯୋରନ୍ଦା ଯିବେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ରବିବାର ଜିଲା ଭାଜପା ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭାଜପା ରାଜ୍ୟ ଉପସଭାପତି ତଥା ଢେଙ୍କାନାଳ ଲୋକ ସଭା ପ୍ରଭାରୀ ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁନୀଲ ଶର୍ମା, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଭାରତୀ ସ୍ୱାଇଁ, ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ଅନୁସୂଚିତ ଜାତି ଜିଲା ସଭାପତି ଲକ୍ଷ୍ମୀଧର ଦଳେଇଙ୍କ ସମେତ ନିରଦ କୁମାର ସାହୁ, ବିକାଶ କୁମାର ସାହୁ, ଅରବିନ୍ଦ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଢେଙ୍କାନାଳ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ।

# ପରୀକ୍ଷା ଦେଲେ ୧୬,୪୫୭



ବି.ବି. ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ଯାଞ୍ଚ କରାଯାଉଛି।

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ମଙ୍ଗଳବାର ୯୭ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ଷ୍ଟେଟ୍ ଓପନସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷାକୁ ମିଶାଇ ମୋଟ ୧୬୭୭୪ ପରୀକ୍ଷାର୍ଥୀ ରହିଥିଲେ। ତନ୍ମଧ୍ୟରେ ମଙ୍ଗଳବାର ପ୍ରଥମ ଦିବସ ମାତୃଭାଷା ପରୀକ୍ଷାରେ ମୋଟ୍ ୧୬୪୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୩୧୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ବାର୍ଷିକ ମାଟ୍ରିକ ପରୀକ୍ଷାରେ ୧୬୭୧୭ଜଣ ପରୀକ୍ଷାର୍ଥୀ ରହିଥିବାବେଳେ ତନ୍ମଧ୍ୟରେ ୧୬୪୩୧ ପରୀକ୍ଷା ଦେଇଥିଲେ। ୨୮୬ଜଣ ଅନୁପସ୍ଥିତ ଥିଲେ। ସେହିପରି ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୪୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩ଜଣ ଅନୁପସ୍ଥିତ ଥିଲେ। ସେହିପରି ମଧ୍ୟମା ପରୀକ୍ଷାରେ ୧୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ଜଣ ପରୀକ୍ଷା ଦେଇଥିଲେ। ୮ଜଣ ଅନୁପସ୍ଥିତ ରହିଥିଲେ। ପ୍ରଥମ ଦିବସରେ କୌଣସି କପି ହୋଇ ନ ଥିବା ଜିଲା ଶିକ୍ଷାବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସକାଳୁ ପରୀକ୍ଷା ଆରମ୍ଭ ହେବାର ଦେଢଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ପରୀକ୍ଷା କେନ୍ଦ୍ରରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ କଡାକଡି ଯାଞ୍ଚ କରିଥିଲେ। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ପ୍ରମୁଖ କେତେକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପରୀକ୍ଷା କେନ୍ଦ୍ର ଗୁଡିକରେ ଚଳିତବର୍ଷ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି। ମୋବାଇଲ ସମ୍ପୂର୍ଣ୍ଣ ମନା କରାଯାଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ପୋଲିସ ବ୍ୟବସ୍ଥା ହୋଇଛି।

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

**ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

